# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୯ (ଓଡ଼ିଆ ବୁଲେଟିନ)　　ସପ୍ତାହ – ୪୦　　ତାରିଖ: ୦୧.୧୦.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୨୫.୦୯.୨୦୨୬ ରୁ ୦୧.୧୦.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 32 | 23 | 49.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୨-୧୦-୨୦୨୬ | ୦୩-୧୦-୨୦୨୬ | ୦୪-୧୦-୨୦୨୬ | ୦୫-୧୦-୨୦୨୬ | ୦୬-୧୦-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 34 | 34 | 35 | 35 | 35 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 24 | 24 | 24 | 23 | 23 |
| ମେଘ ଆବରଣ(ଓକଟା) | 1 | 1 | 0 | 0 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 86 | 84 | 80 | 76 | 91 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 38 | 33 | 30 | 33 | 34 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 3 | 4 | 3 | 5 |
| ପବନର ଦିଗ (ଡିଗ୍ରୀ) | 360 | 360 | 221 | 212 | 216 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ଏହି ସମୟ ଅବଧିରେ ଆକାଶ ସଫା ରୁ ମୁଖ୍ୟତଃ ସଫା ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୩ ରୁ ୦୫ କି.ମି. ବେଗରେ ଉତ୍ତର ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

### ସାଧାରଣ ଉପଦେଶ

- ଆଗାମୀ ଶୁଷ୍କ ପାଗକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଫସଲର ଆବଶ୍ୟକତା ଓ ମାଟିର ଆର୍ଦ୍ରତା ଅନୁଯାୟୀ, ବିଶେଷକରି ଫସଲର ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଅବସ୍ଥାରେ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ । ଅତ୍ୟଧିକ ଜଳସେଚନରୁ ଦୂରେଇ ଉପଲବ୍ଧ ଜଳର ସଠିକ୍ ବ୍ୟବହାର କରନ୍ତୁ ।
- ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ ଘାସ ନିୟନ୍ତ୍ରଣ ଓ ଅନ୍ତଃଚାଷ କାର୍ଯ୍ୟ ସମ୍ପନ୍ନ କରନ୍ତୁ ।
- ସାର ଓ ଜୈବସାର ପ୍ରୟୋଗ କେବଳ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ଥିବା ସମୟରେ କରନ୍ତୁ, ଯାହାଦ୍ୱାରା ଫସଲରେ ପୋଷକତତ୍ତ୍ୱର ସଠିକ୍ ଉପଯୋଗ ହୋଇପାରିବ।
- ଶୁଷ୍କ ପାଗରେ ଜଉ ପୋକ, ଜାସିଡ୍, ଉକୁଣିଆ ପୋକ ଓ ଧଳାମାଛି ଭଳି ରସ ଶୋଷକ କୀଟମାନଙ୍କ ଉପଦ୍ରବ ବଢ଼ିପାରେ । ତେଣୁ ଫସଲକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- ପରିପକ୍ୱ ଫସଲ, ଫଳ ଓ ପନିପରିବାକୁ ଉପଯୁକ୍ତ ସମୟରେ ଅମଳ କରି ଶୁଷ୍କ ଓ ନିରାପଦ ସ୍ଥାନରେ ସଂରକ୍ଷଣ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଆଗାମୀ ଶୁଷ୍କ ପାଗକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ଆବଶ୍ୟକତା ଅନୁଯାୟୀ ଠିଆ ଫସଲରେ ଜଳସେଚନ କରନ୍ତୁ ଏବଂ ପରିପକ୍ୱ ଫସଲ, ଫଳ ଓ ପନିପରିବାକୁ ଉପଯୁକ୍ତ ସମୟରେ ଅମଳ କରି ନିଅନ୍ତୁ ।

| ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ | | |
|---|---|---|
| **ଫସଲର ନାମ** | **ଫସଲ ଅବସ୍ଥା** | **କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ** |
| ବର୍ଷା ଦିନିଆ (ଖରିଫ) ଧାନ | କେଣ୍ଡା ଆରମ୍ଭ ଅବସ୍ଥା | • ଧାନ ଫସଲରେ ପତ୍ରମୋଡ଼ା ପୋକର ଆକ୍ରମଣରେ ପ୍ରତି ଗଛରେ ୨ଟି ମୋଡ଼ା ପତ୍ର ଦେଖାଦେଲେ, କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି. @ ୬୦ ମି.ଲି./ଏକର କିମ୍ବା ଟେଟ୍ରାନିଲିପ୍ରୋଲ୍ ୨୦୦ ଏସ୍.ସି. (୧୮.୧୮% w/w) @ ୧୦୦–୧୨୦ ମି.ଲି./ଏକର କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. @ ୫୦ ଗ୍ରାମ/ଏକର ମଧ୍ୟରୁ ଯେକୌଣସି ଗୋଟିଏ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ମାଟିଆଗୁଣ୍ଡି ବା ଚକଡ଼ା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ହେତୁ, ଚାଷୀଭାଇମାନେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍‌ସି @ ୯୪ ମି.ଲି./ଏକର, ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. @ ୧୨୦ ଗ୍ରାମ୍/ଏକର, ଡିନୋଟେଫୁରାନ୍ ୨୦% ଏସ୍.ଜି. @ ୬୦–୮୦ ଗ୍ରାମ୍/ଏକର, ଥାୟାମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. @ ୪୦ ଗ୍ରାମ୍/ଏକର, ଇଥୋଫେନୋପ୍ରକ୍ସ ୧୦% ଇ.ସି. @ ୨୦୦–୩୦୦ ମି.ଲି./ଏକର, ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ୍/ଏକର କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୪୦୦–୬୦୦ ମି.ଲି./ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଶୁଷ୍କ ଓ ସଫା ପାଗରେ କ୍ଷେତରେ ବ୍ୟବହାର କରନ୍ତୁ ।<br>• ଚକଡ଼ା ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ, ଯାହାଦ୍ଵାରା ପୋକର ଆକ୍ରମଣ ଅଧିକ ବଢ଼ିବାକୁ ରୋକାଯାଇପାରିବ । |
| ଚିନାବାଦାମ | ଫୁଲ ଓ ଓହଳ ଅବସ୍ଥା | • ମାଟିରେ ଆର୍ଦ୍ରତା କମ୍ ଥିଲେ ଫୁଲ ଧରିବା, ଗଛରେ ଓହଳ ପ୍ରବେଶ କରିବା ଓ ଦାନା ବିକାଶ ଅବସ୍ଥାରେ ଆବଶ୍ୟକତାନୁସାରେ ସୁରକ୍ଷାମୂଳକ ଜଳସେଚନ କରନ୍ତୁ । ଫୁଲ ଧରିବା ଓ ଓହଳ ମାଟିରେ ପ୍ରବେଶ କରିବା ସମୟରେ ମାଟିରେ ଆର୍ଦ୍ରତାର ଅଭାବ ହେବାକୁ ଦିଅନ୍ତୁ ନାହିଁ ।<br>• ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଅବସ୍ଥାରେ ଘାସ ନିୟନ୍ତ୍ରଣ, ଅନ୍ତଃଚାଷ ଓ ମାଟି ଚଢ଼ାଇବା କାର୍ଯ୍ୟ କରି ନିଅନ୍ତୁ ।<br>• ଓହଳ ପ୍ରବେଶ କରିବାର ୩୦ ଦିନ ମଧ୍ୟରେ କାଲସିୟମ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତ୍ତିକା ପରୀକ୍ଷା ନ ହୋଇ ସୁଦ୍ଧା ଚିନାବାଦାମ ଫସଲକୁ କାଲସିୟମ ନିମନ୍ତେ ଜିପସମ୍ ପ୍ରୟୋଗ କରିବା ଜରୁରୀ ଅଟେ । ଯଦି ପୂର୍ବରୁ ପ୍ରୟୋଗ କରାଯାଇନାହିଁ, ତେବେ ପୂର୍ଣ୍ଣ ଫୁଲ ଧରିବା କିମ୍ବା ପ୍ରାରମ୍ଭିକ ଓହଳ ଅବସ୍ଥାରେ ପ୍ରତି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପସମ୍ ପ୍ରୟୋଗ କରନ୍ତୁ ।<br>• ଖେତରେ ଅଧିକ ଆର୍ଦ୍ରତା ଥିବା ସ୍ଥିତିରେ ପତ୍ର ଦାଗ, କଳଙ୍କ ରୋଗ ଓ ଅନ୍ୟାନ୍ୟ କବକଜନିତ ରୋଗର ଆକ୍ରମଣ ଦେଖାଦେଇପାରେ । ତେଣୁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ଏବଂ ପାଗ ଶୁଖିଲା ଓ ଅନୁକୂଳ ଥିବା ସମୟରେ ହିଁ ରୋଗ ନିୟନ୍ତ୍ରଣ ପଦକ୍ଷେପ ନିଅନ୍ତୁ । |
| କଦଳୀ | କାନ୍ଦି ବିକାଶ ଅବସ୍ଥା / ଫଳ ଅବସ୍ଥା | • ବିଶେଷକରି କାନ୍ଦି ବିକାଶ ଅବସ୍ଥାରେ ଫସଲର ଆବଶ୍ୟକତା ଅନୁଯାୟୀ ଜଳସେଚନ କରି ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ବଜାୟ ରଖନ୍ତୁ ।<br>• ମାଟିର ଆର୍ଦ୍ରତା ବଜାୟ ରଖିବା ପାଇଁ ଉପଲବ୍ଧତା ଅନୁସାରେ ଗଛ ଚାରିପାଖରେ ଥିବା ବେସିନ୍‌ରେ ନଡ଼ା କିମ୍ବା ପୁଆଳ ଦ୍ୱାରା ମଲଚିଂ କରନ୍ତୁ ।<br>• କ୍ଷେତରେ ପରିଚ୍ଛନ୍ନତା ବଜାୟ ରଖନ୍ତୁ ଏବଂ ସିଗାଟୋକା/ପତ୍ରଦାଗ ରୋଗ, କଦଳୀ ଘୁଣିପୋକ ଓ ଅନ୍ୟାନ୍ୟ ପୋକମାନଙ୍କ ଉପଦ୍ରବ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ ।<br>• ଆବଶ୍ୟକତା ଅନୁଯାୟୀ କାନ୍ଦି ଧରିଥିବା ଗଛକୁ ଖୁଣ୍ଟି କିମ୍ବା ଅନ୍ୟ ଉପଯୁକ୍ତ ଉପାୟରେ ସହାୟତା ପ୍ରଦାନ କରନ୍ତୁ ବା ଭରା ଦିଅନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଅବସ୍ଥା | • ଆଗାମୀ ଶୁଷ୍କ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, କଖାରୁଜାତୀୟ ପନିପରିବା ଫସଲରେ ବିଶେଷକରି ଫୁଲ ଧରିବା ଓ ଫଳ ବିକାଶ ଅବସ୍ଥାରେ ହାଲୁକା ଏବଂ ଆବଶ୍ୟକତାନୁସାରେ ଜଳସେଚନ କରନ୍ତୁ ଯଦି ଦରକାର ପଡ଼େ । ସମ୍ଭବ ହେଲେ ମଲଚିଂ ବା ଆଚ୍ଛାଦନ ପ୍ରୟୋଗ କରି ମାଟିର ଆର୍ଦ୍ରତା ସଂରକ୍ଷଣ କରନ୍ତୁ ।<br>• ଲତାକୁ ଉପଯୁକ୍ତ ଭାବେ ମାଚା କିମ୍ବା ଅନ୍ୟାନ୍ୟ ସହାୟତା ପ୍ରଦାନ କରନ୍ତୁ, ସମୟୋପଯୋଗୀ ଭାବେ ଘାସ ନିୟନ୍ତ୍ରଣ କରନ୍ତୁ ଏବଂ ନାଲି କଖାରୁ ବିଟଲ୍, ରସ ଶୋଷକ କୀଟ ଓ ଫଳମାଛିର ଉପଦ୍ରବ ପ୍ରତି ଫସଲକୁ ନିୟମିତ ଭାବରେ ନିରୀକ୍ଷଣ କରନ୍ତୁ । |
| ବାଇଗଣ | ଫୁଲ ଓ ଫଳ ଅବସ୍ଥା | • ଅତ୍ୟଧିକ ଜଳସେଚନରୁ ଦୂରେଇ ରୁହନ୍ତୁ ଏବଂ ମାଟି ଓ ଫସଲର ଆବଶ୍ୟକତା ଅନୁଯାୟୀ ମୁଖ୍ୟତଃ ଗଛର ମୂଳ ଅଞ୍ଚଳରେ ଜଳସେଚନ କରନ୍ତୁ । |

| | | |
|---|---|---|
| | | • ଶୁଣ୍ଢି ଓ ଫଳବିନ୍ଧା ପୋକ, ଜଉ, ଜାସିଡ୍, ଧଳାମାଛି ଓ ମାଇଟ୍‌ର ଉପଦ୍ରବ ପାଇଁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ । କୀଟର ବଂଶବୃଦ୍ଧି ରୋକିବା ପାଇଁ ଆକ୍ରାନ୍ତ ଡାଳ ଓ ଫଳଗୁଡ଼ିକୁ ତୋଳି ନଷ୍ଟ କରିଦିଅନ୍ତୁ ।<br>• ପରିପକ୍ୱ ଫଳଗୁଡ଼ିକୁ ନିୟମିତ ଭାବେ ଅମଳ କରନ୍ତୁ, ଯାହାଦ୍ୱାରା ଅଧିକ ଫଳ ଧାରଣକୁ ଉତ୍ସାହିତ କରାଯାଇପାରିବ ଏବଂ ଫଳ ଅତ୍ୟଧିକ ପାଚିଯିବାରୁ ରୋକାଯାଇପାରିବ। |
| ପଶୁ ପାଳନ | • ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।<br>• ଦିନସାରା ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ପରିଷ୍କାର ପାନୀୟ ଜଳ ଯୋଗାଇବା ସହ ଅତ୍ୟଧିକ ଗରମ ଓ ଶୁଷ୍କ ପାଗ ସମୟରେ ଛାଇ ଓ ଆଶ୍ରୟ ପ୍ରଦାନ କରନ୍ତୁ ।<br>• ପଶୁ ରହୁଥିବା ଗୁହାଳକୁ ପରିଷ୍କାର ରଖିବା ସହ ଭଲ ବାୟୁ ଚଳାଚଳର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ପଶୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସବୁଜ ଓ ଶୁଖିଲା ଚାରା ସହିତ ଖଣିଜ ମିଶ୍ରଣ ଯୋଗାଇ ଦିଅନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।